# ରେଳବାଇ ଜାଗାରୁ ଗଛକଟା
## ଜେଲ୍ ଗଲେ ଅଭିଯୁକ୍ତ କାଠ ବେପାରୀ

ରୂପସା, ୩।୯(ଡି.ଏନ.ଏ.)

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରାଜଘାଟ ରେଳଷ୍ଟେଶନ ପାଖ ରେଳବାଇ ଜାଗାରେ ଥିବା ଏକ ଜଙ୍ଗଲରୁ ଅବାଧ ଗଛକଟା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନ ଧରି କାଠ ବ୍ୟବସାୟୀମାନେ ରାତିଦିନ ମୂଲ୍ୟବାନ ଗଛ ସବୁ କାଟି ନେଉଥିବା ଅଭିଯୋଗ ହେଉଥିଲେ ହେଁ ରେଳ ଓ ବନ ବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଷ୍ଟେଶନ ଡେଭେଲପମେଣ୍ଟ କମିଟି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ରେଳବାଇ ସମ୍ପତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆରପିଏଫ୍ ଥାନା ପୋଲିସ ମଧ୍ୟ ଏହି ଜଙ୍ଗଲ ସୁରକ୍ଷା କରିବାରେ ଫେଲ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ସୋମବାର ପୁଣି ଏହି ଜଙ୍ଗଲରୁ ଗଛ କଟାଯାଇଥିବା ଦେଖି ସ୍ଥାନୀୟ ଲୋକେ ଆରପିଏଫ୍ ଓ ବନ ବିଭାଗକୁ ଖବର ଦେଇଥିଲେ। ଆରପିଏଫ୍ ଥାନା ପୋଲିସ ଏସ୍. ପାତ୍ର କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା କାଠଗଣ୍ଡିକୁ ଜବତ କରିବା ସହ ବସ୍ତା ଥାନା ବେଣାପୁରା ଗ୍ରାମର ଅଭିଯୁକ୍ତ ମଣ୍ଟୁ ଓରଫ୍ ମନୋରଞ୍ଜନ ମହାଳିକଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

ଏହି ଷ୍ଟେଶନ ନିକଟସ୍ଥ କାଳୀମନ୍ଦିର ପାଖରେ ରେଳ ବିଭାଗ ତରଫରୁ ଆକାଶୀ, ପଟାସ, କଦମ୍ବ ଆଦି ଚାରାରୋପଣ କରାଯାଇ ଜଙ୍ଗଲ ସୃଷ୍ଟି ହୋଇଥିଲା। ଏବେ ନିୟମିତ କାଠ ମାଫିଆମାନେ ଜଙ୍ଗଲର ମୂଲ୍ୟବାନ କାଠ ସବୁ ଚୋରାରେ ଓ ବେଆଇନ ଭାବେ କାଟି ନେଉଥିବାରୁ ଜଙ୍ଗଲ ନଷ୍ଟ ହେବାକୁ ବସିଛି। ବାରମ୍ବାର ଅଭିଯୋଗ ହେବା ପରେ ପ୍ରଥମଥର ପାଇଁ ଆରପିଏଫ୍ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ କାଠ ମାଫିଆଙ୍କ ମହଲରେ ଛନକା ପଶିଛି।

**ଜଙ୍ଗଲ ସୁରକ୍ଷା କରିବାରେ ଆରପିଏଫ୍ ଫେଲ**


ଗଛ କଟାଯାଇଥିବା ଜାଗାରେ ଆର୍‌ପିଏଫ୍ ତଦନ୍ତ କରୁଛି।

# 'ମୋ ସ୍ୱାମୀଙ୍କୁ ବେତନ ଦିଅ'
## ଜିଲାପାଳଙ୍କୁ ଭେଟିଲେ ମହିଳା

ସୋର, ୩।୯(ଡି.ଏନ.ଏ.)

ନିର୍ବାଚନ କାର୍ଯ୍ୟରେ ଅସହଯୋଗ ପାଇଁ ସୋର ବ୍ଲକ ଦାଣ୍ଡପଳସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ଏହାପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଉତ୍କଟ ହୋଇଥିବା ନେଇ ଶିକ୍ଷକଙ୍କ ପତ୍ନୀ ଜିଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି।

ଏହି ବିଦ୍ୟାଳୟର ଶିକ୍ଷକ ଗିରିଜା ଶଙ୍କର ଜେନା ନିଜର ମେରୁଦଣ୍ଡ ଜନିତ ସମସ୍ୟାରେ ପୀଡିତ ଥାଇ ଅସ୍ତ୍ରୋପଚାର କରାଇଥିଲେ। ଶାରରୀକ ଅସୁସ୍ଥତା ପାଇଁ ସେ ଗତ ସାଧାରଣ ନିର୍ବାଚନ କାର୍ଯ୍ୟ କରିବାକୁ ଅକ୍ଷମତା ପ୍ରକାଶ କରି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। ତାଙ୍କର ଏହି ନିବେଦନ ଖାରଜ ହୋଇଯିବା ପରେ ସେ ନିର୍ବାଚନ କାର୍ଯ୍ୟରେ ଯୋଗ ଦେଇ ପ୍ରଶିକ୍ଷଣ ନେବା ପରେ କର୍ତ୍ତବ୍ୟ କରିଥିଲେ। ପରେ ତାଙ୍କୁ ନିର୍ବାଚନ କାର୍ଯ୍ୟରେ ଅସହଯୋଗ କରିଥିବା କାରଣରୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଯେଉଁ କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି ସେ ସେଥିରେ ଅବହେଳା ନ କରି ମଧ୍ୟ ଆକ୍ରୋଶର ଶିକାର ହୋଇଥିବା ତାଙ୍କ ସ୍ତ୍ରୀ ସସ୍ମିତା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏବେ ସ୍ୱାମୀଙ୍କ ଚିକିତ୍ସା ସହ ନିଜର ଦୁଇ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଓ ପରିବାର ପ୍ରତିପୋଷଣ କଷ୍ଟକର ହେଉଥିବା ସସ୍ମିତା ଜଣାଇଛନ୍ତି।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ବାଳକ ମୃତ

**ଜଳେଶ୍ୱର, ୩।୯:** ଜଳେଶ୍ୱର ପୌରାଞ୍ଚଳର ୧୩ ନଂ. ୱାର୍ଡ଼ ନନ୍ଦିକା ଗ୍ରାମର ୯ବର୍ଷର ବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନନ୍ଦିକା ଗ୍ରାମର ବିଜୟ ଗିରିଙ୍କ ପୁଅ ଗୌରଗୋପାଳ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟରେ ହୋଇଥିବା ଗଣେଶ ପୂଜାରେ ଲାଗିବା ପାଇଁ ଦିଆଯାଇଥିବା ବହି ବସ୍ତାନୀ ଆଣିବାକୁ ଯାଇଥିଲେ। ସେ ବହି ବସ୍ତାନୀ ଆଣି ଘରେ ରଖି ପାଖରେ ଥିବା ପୋଖରୀକୁ ଗୋଡ଼ ଧୋଇବା ପାଇଁ ଯାଇଥିଲେ। ପୋଖରୀରୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକମାନେ ତାଙ୍କୁ ଖୋଜିବା ପାଇଁ ପୋଖରୀ ନିକଟକୁ ଯାଇଥିଲେ। ସେଠାରେ ତାଙ୍କୁ ନ ପାଇବାରୁ ସେ ପୋଖରୀରେ ବୁଡିଯାଇଥିବା ଅନୁମାନ କରି ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ପାଣି ଭିତରୁ ଉଦ୍ଧାର କରି ସ୍ଥାନୀୟ ଜିକେଭଟ୍ଟର ହସ୍‌ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ଜଳେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଗୌରଗୋପାଳ ସ୍ଥାନୀୟ ନନ୍ଦିକା ମଇ ବିଦ୍ୟାଳୟର ୩ୟ ଶ୍ରେଣୀର ଛାତ୍ର ଥିଲେ।

## ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଥାନାରେ ମାମଲା

**ସୋର, ୩।୯(ଡି.ଏନ.ଏ.):** ସୋର ପୌରପରିଷଦ ଅଧୀନ ଅଞ୍ଚଳର ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକଙ୍କ ସହ ଜଣେ ବିବାହିତା ମହିଳାଙ୍କ ଅନୈତିକ ସମ୍ପର୍କର ଭିଡିଓ ଭାଇରାଲ ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଜାଣିବା ପରେ ଗତମାସ ୨୪ତାରିଖରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୭୭/୧୯ ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଯାଏ ଅଭିଯୁକ୍ତ ଗିରଫ ହୋଇ ନ ଥିବା ଜଣାପଡିଛି।

## କ୍ରୀଡା ମନ୍ତ୍ରୀଙ୍କ ସହ ଭାବବିନିମୟ

**ରେମୁଣା, ୩।୯(ଡି.ଏନ.ଏ.):** ଉତ୍ତରଓଡିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ଓ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସଟିପିଆଇ)ର ମିଳିତ ଆନୁକୂଲ୍ୟରେ ସହର ଉପକଣ୍ଠ ବାମପଦାସ୍ଥିତ ନୋସି ବିଜନେସ ପାର୍କରେ ରାଜ୍ୟ ଆଇଟି ତଥା କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୋସି ସଭାପତି ସୁଶୀଲ କୁମାର ଖୈତାନ ସଭାପତିତ୍ୱ କରି ଜିଲାର ଶିଳ୍ପ, ଶିଳ୍ପ ଭିତ୍ତିଭୂମି ଆଦି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ପଣ୍ଡା ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ବିଭିନ୍ନ ଶିଳ୍ପ ସଂସ୍ଥା ଓ ସଂସ୍ଥାର ବରିଷ୍ଠ ପଦାଧିକାରୀ ଯୋଗଦେଇ ବାଲେଶ୍ୱରରେ ଶିଳ୍ପ ସଂସ୍ଥା ଓ ଶିଳ୍ପ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୋସିର ବରିଷ୍ଠ ସଭ୍ୟ ଚନ୍ଦ୍ର ପ୍ରକାଶ ଭର୍ତ୍ତିଆ ଇଡ୍‌କୋ ଦ୍ୱାରା ଅଧିଗୃହୀତ ଜମି ପ୍ରସଙ୍ଗ ଉତ୍‌ଥାପନ କରି ତାହାର ଆଜି ପର୍ଯ୍ୟନ୍ତ କୌଣସି ବିକାଶ ହୋଇ ନ ଥିବା ଏବଂ ଜିଲାରେ ଆଇଟି କ୍ଷେତ୍ରରେ କାମ ଆରମ୍ଭ ହେଲେ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ଅନ୍ୟତମ ସଭ୍ୟ ଅମିତ ବେହେରା ଜିଲାରେ କ୍ରୀଡା ସମ୍ବନ୍ଧୀୟ ପ୍ରସଙ୍ଗରେ ଉଲ୍ଲେଖ କରି ରେମୁଣାର ନରହରିପୁରଠାରେ ଥିବା ଶହେ ଏକର ଜମିକୁ କିପରି ଏ ଦିଗରେ ବ୍ୟବହାର କରାଯାଇପାରିବ ସେନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାର ପରିମିଟି ପଡିଆ ଓ ଷ୍ଟାଡିୟମ ପଡିଆର ବିକାଶ ପାଇଁ ମନ୍ତ୍ରୀ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


ନହଙ୍ଗ ପଡିଆରେ ଚାରାରୋପଣ କରାଯାଉଛି।

## ନହଙ୍ଗରେ ଚାରାରୋପଣ

ଖଇରା, ୩।୯(ଡି.ଏନ.ଏ.)–ଇଣ୍ଡିଆନ ଅଏଲ କର୍ପୋରେଶନର ପ୍ରତିଷ୍ଠା ଦିବସ ଅବସରରେ ସୋମବାର ଖଇରା ବ୍ଲକର ନହଙ୍ଗ ପଡିଆରେ ସଚେତନତା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଇରା ଇଣ୍ଡେନ ଗ୍ୟାସର ବିତରକ ଅମରେଶ ମହାନ୍ତି ବୃକ୍ଷରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଯୁବ ସମାଜସେବୀ ଆଲୋକ ପଣ୍ଡା, ଡମ୍ବରୁଧର ମହାନ୍ତି, ଜୟଦେବ ବେହେରା, ସୁବାଷ ପ୍ରଧାନ, ବାବୁ ଚୌଧୁରୀ, ରାଧେଶ୍ୟାମ ମହାପାତ୍ର, ପରମେଶ୍ୱର ମହାପାତ୍ର, ସତ୍ୟବ୍ରତ ନାରାୟଣ ବେହେରା, ଜଳଦା ସମିତି ସଭ୍ୟ ହେମନ୍ତ କୁମାର ଦାସ ପ୍ରମୁଖଙ୍କ ନେତୃତ୍ୱରେ ଆକାଶି, ଅଁଳା, ପେଡା, ରାଧାଚୁଡା ଆଦି କିସମର ୩ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା।

## ଶବ୍ଦ ପ୍ରଦୂଷଣରେ ଲୋକେ ଅତିଷ୍ଠ

ବାଲିଆପାଳ, ୩।୯(ଡି.ଏନ.ଏ.)

ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଏବେ ଶବ୍ଦ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରୋଗୀ ଓ ବୟସ୍କ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବିଭିନ୍ନ ପୂଜା ସମୟ ଆସୁଥିବାରୁ ଶବ୍ଦ ପ୍ରଦୂଷଣ ଅଧିକ ମାତ୍ରାରେ ବୃଦ୍ଧି ପାଉଛି। ପୂଜା କମିଟିର କର୍ମକର୍ତ୍ତାମାନେ ସମସ୍ତ ଆଇନକୁ ଉଲ୍ଲଂଘନ କରି ପ୍ରାତଃରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଇକ ଓ ଡିଜେ ବଜାଉଛନ୍ତି। ପୋଲିସ ନୀରବଦ୍ରଷ୍ଟା ପାଲଟିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାର ଶବ୍ଦ ପ୍ରଦୂଷଣ ରୋକିବା ପାଇଁ କଡାକଡି ନିୟମ ପ୍ରଣୟନ କରିଥିବା ବେଳେ ତାହା ଏସବୁ ଅଞ୍ଚଳରେ ପ୍ରହସନରେ ପରିଣତ ହୋଇଛି।

## ପଲିଥିନ ନିଷେଧ ପ୍ରହସନ

**ବାଲିଆପାଳ, ୩।୯(ଡି.ଏନ.ଏ.):** ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ ତାରିଖରୁ ପଲିଥିନ ବ୍ୟବହାର ନିଷେଧ କରିଥିବା ବେଳେ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପ୍ରତ୍ୟେକ ବଜାର ଛକ, ସାପ୍ତାହିକ ହାଟରେ ବ୍ୟବସାୟୀମାନେ ବହୁଳ ଭାବରେ ପଲିଥିନ ବ୍ୟବହାର କରୁଛନ୍ତି। ଏ କ୍ଷେତ୍ରରେ ସରକାରୀ କର୍ମଚାରୀଙ୍କ ମଧ୍ୟ ତତ୍ପରତା ଦେଖିବାକୁ ମିଳୁନାହିଁ। ସରକାର କେବଳ ଘୋଷଣା କରି ନୀରବରେ ବସିଛନ୍ତି। ପଲିଥିନର ଭୟାବହତା ବିଷୟରେ ମଧ୍ୟ ସଚେତନ କରାଯାଉନାହିଁ।

## ଅରୁଣ ଜେଟ୍‌ଲୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ସଜନାଗଡ଼, ୩।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବଡ଼ଦାଣ୍ଡସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବତନ ବିତ୍ତମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଜେଟ୍‌ଲୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜେଟ୍‌ଲୀ ଜଣେ ସଫଳ ରାଜନେତା। ତାଙ୍କ ବିୟୋଗରେ ଭାରତୀୟ ରାଜନୀତି କ୍ଷେତ୍ରରେ ଅପୂରଣୀୟ କ୍ଷତି ଘଟିଛି ବୋଲି କହିବା ସହ ପ୍ରଶାସକ ଭାବେ ତାଙ୍କ ଅବଦାନକୁ ଭୁଲି ହେବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାଗୋବିନ୍ଦ ଖଟୁଆ, ସୁଶୀଲ ସିଂ, ଗଙ୍ଗାଧର ମିଶ୍ର, ନିବାଶିଷ ଦ୍ୱିବେଦୀ, ଚନ୍ଦ୍ରଶେଖର ନନ୍ଦ, ପ୍ରଫୁଲ୍ଲ ଦଳେଇ, ସମର ଶେଖର କାନୁନ୍‌ଗୋ, ପ୍ରଦୀପ କୁମାର ଆଚାର୍ଯ୍ୟ, ସୁରଞ୍ଜନ ମୁନି ଓ ଜ୍ୟୋତିନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିବା ସହ ଭାଜପାର ବହୁ ସମର୍ଥକ, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ସ୍ମୃତିଚାରଣ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଧାୟକ ସୁକାନ୍ତ ନାୟକ ଓ ଅନ୍ୟମାନେ।

# କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ, ୩।୯

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଏବଂ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବାଲେଶ୍ୱର ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ ବିଭାଗୀୟ କାର୍ଯ୍ୟ ଏବଂ ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମିର ଉପଯୁକ୍ତ ବିକାଶ ପାଇଁ ମନ୍ତ୍ରୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ସେ ଆଲୋଚନା କରି ଜିଲାର ପୌରାଞ୍ଚଳ ଏବଂ ବ୍ଲକସ୍ତରରେ ଥିବା ଷ୍ଟାଡ଼ିୟମର ସ୍ଥିତି ଏବଂ ବାଲେଶ୍ୱର, ଜଳେଶ୍ୱର, ନୀଳଗିରି ଓ ସୋରରେ ମୁକ୍ତାକାଶ ବ୍ୟାୟାମଶାଳା ପ୍ରତିଷ୍ଠା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଜିଲାପାଳ ଏବଂ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବୈଠକରେ ଜିଲାରେ ନିର୍ମାଣାଧୀନ ବିଭିନ୍ନ ମିନି ଷ୍ଟାଡ଼ିୟମର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଉପସ୍ଥିତ ଅଧିକାରୀମାନେ ଅବଗତ କରାଇଥିଲେ। ଯେଉଁଠାରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ ସେଠାରେ ତୁରନ୍ତ ନୂଆ ଏଷ୍ଟିମେଟ କରି କାମ ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କ୍ରୀଡ଼ା ଭିତ୍ତିଭୂମିର ବିକାଶ ଲାଗି ରହିଥିବା ବିଭିନ୍ନ ଜମି ଅଧିଗ୍ରହଣ ସମସ୍ୟାକୁ ତୁରନ୍ତ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ସମାଧାନ କରାଯିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ଲାଗି ତୁରନ୍ତ ଜମି ଚିହ୍ନଟ କରି ମାସକ ମଧ୍ୟରେ କାମ ଆରମ୍ଭ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆର(ଏସଟିପିଆଇ) ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବାଲେଶ୍ୱର ଏସ୍‌ଟିପିଆଇ ଅଧିକାରୀ ବିଶ୍ୱ କିଶୋର ଦେ ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ। ଏସ୍‌ଟିପିଆଇରେ କାର୍ଯ୍ୟ କରୁଥିବା ବିଭିନ୍ନ ଆଇଟି କମ୍ପାନୀ ଓ ତାହାର ନୂତନ କୋଠା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ସୂଚନା ସଂଗ୍ରହ କରିବା ସହିତ ବାଲେଶ୍ୱରରେ ଆଇଟି କମ୍ପାନୀ ଓ ଷ୍ଟାର୍ଟ ଅପ କମ୍ପାନୀ ପ୍ରତିଷ୍ଠା ପାଇଁ ପ୍ରଭୂତ ସୁଯୋଗ ରହିଥିବା ମତବ୍ୟକ୍ତ କରିଥିଲେ। ନୂତନ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିବା ଏବଂ ସେମାନଙ୍କୁ ଉଚିତ ମୂଲ୍ୟରେ ଭିତ୍ତିଭୂମି ଯୋଗାଇ ଦେବା ନିମନ୍ତେ ସେ ଏସ୍‌ଟିପିଆଇ ଅଧିକାରୀଙ୍କୁ କହିଥିଲେ। ଯଦି କୌଣସି କ୍ଷେତ୍ରରେ ଏସ୍‌ଟିପିଆଇଠାରେ ପ୍ରକଳ୍ପ ପ୍ରତିଷ୍ଠା ବ୍ୟୟସାପେକ୍ଷ ହେଉଥାଏ ସେ କ୍ଷେତ୍ରରେ ସବସିଡ଼ି ପ୍ରଦାନ ଲାଗି ପ୍ରୟାସ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପିଡି ଡିଆରଡିଏ ରାମଚନ୍ଦ୍ର ଜେନା, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଏବଂ ଯୁବ ସେବା ମନ୍ତ୍ରୀଙ୍କ ସମୀକ୍ଷା।

## ପିତାମାତା ପିଲାଙ୍କ ଆଦର୍ଶ ହେବା ଉଚିତ

ରେମୁଣା, ୩।୯(ଡି.ଏନ.ଏ.)

ରେମୁଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶଙ୍କ ପୂଜା ଉତ୍ସବ ଅବସରରେ ପିତୃ ସମ୍ମିଳନୀ ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀଙ୍କ ନିମନ୍ତେ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟିତ ହୋଇଛି। ଓଡିଶା ଶିକ୍ଷାବିକାଶ ସମିତିର ସମ୍ପାଦକ ଡାକ୍ତର ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟଅତିଥି ଭାବେ ଲ୍ୟାବକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ନିମନ୍ତେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ବିଦ୍ୟାଳୟ ସଭାପତି ମୁକ୍ତେଶ୍ୱର ସେଠୀଙ୍କ ସଭାପତିତ୍ୱରେ ହୋଇଥିବା ପିତୃ ସମ୍ମିଳନୀରେ ଡାକ୍ତର ମହାରଣା ଶିଶୁଙ୍କର ସର୍ବାଙ୍ଗୀନ ବିକାଶରେ ପିତାମାତାଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ପିଲାଙ୍କ ପାଇଁ ପ୍ରତ୍ୟେକ ପିତାମାତା ଆଦର୍ଶ ହେବା ଉଚିତ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ଦୟାଲ ଚନ୍ଦ୍ର ଦାଶ ଭାରତୀୟ ସଭ୍ୟତା, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## 'କସ୍ତୁରୀ' ଉନ୍ମୋଚିତ

**ବାଲେଶ୍ୱର ଅଫିସ, ୩।୯:** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଉତ୍ତର ଛାତ୍ରାବାସରେ ଗଣେଶ ପୂଜା ଅବସରରେ ବାର୍ଷିକ ପ୍ରାଚୀର ପତ୍ରିକା 'କସ୍ତୁରୀ'କୁ ଛାତ୍ରାବାସର ତତ୍ତ୍ୱାବଧାରକ ପ୍ରଫେସର ରଞ୍ଜନ କୁମାର ରାଏ ଉନ୍ମୋଚନ କରିଛନ୍ତି। ସହ–ତତ୍ତ୍ୱାବଧାରକ ଡ. ସନ୍ତୋଷ କୁମାର ରାଉତ ଉପସ୍ଥିତ ରହି 'କସ୍ତୁରୀ'ର ନବକଳେବରରେ ଅନ୍ତେବାସୀ, ପାଠକ ଓ ଛାତ୍ରୀଛାତ୍ରମାନଙ୍କ ସୃଜନଶୀଳତାର ବିକାଶ ହେବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ମଧ୍ୟରେ ଭାଷା ଓ ସାହିତ୍ୟର ବିକାଶରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅନ୍ତେବାସୀ କେଶବ କୁମାର ରାଉତ ସଂଯୋଜନା କରିଥିଲେ।

## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ
# ୬ ଲକ୍ଷ ସଦସ୍ୟ ସଂଗ୍ରହ ଲକ୍ଷ୍ୟ

ବାଲେଶ୍ୱର ଅଫିସ, ୩।୯

ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ବାଲେଶ୍ୱର ଜିଲା ବ୍ରିଟ୍ କଲ୍ୟାଣମଣ୍ଡପରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ନୂତନ ଭାବେ ନିଯୁକ୍ତି ହୋଇଥିବା ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ପଞ୍ଚାୟତିରାଜ, ପାନୀୟଜଳ, ଆଇନ, ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡିର ନୂତନ ସଭ୍ୟ ସଂଗ୍ରହ ସମ୍ପର୍କରେ ଉପସ୍ଥିତ ଦଳୀୟ ନେତୃବର୍ଗଙ୍କୁ ମନ୍ତ୍ର ପ୍ରଦାନ କରିଥିଲେ। ଜିଲାସଭାପତି ଇଂ. ଜେନା ପ୍ରଥମ ସଭ୍ୟ ଭାବେ ସଦସ୍ୟତା ଗ୍ରହଣ କରିଥିଲେ।

ବାଲେଶ୍ୱର ଜିଲାର ପୌରାଞ୍ଚଳ ଓ ବ୍ଲକର ପ୍ରତି ୱାର୍ଡ଼ରୁ ୧ଶହରୁ ଉର୍ଦ୍ଧ୍ୱ ସଭ୍ୟ ସଂଗ୍ରହ କରାଯାଇ ୬ଲକ୍ଷ ସଦସ୍ୟ କରାଯିବାର ବ୍ଲୁ ପ୍ରିଣ୍ଟ ତିଆରି କରାଯାଇଛି। ଜିଲାର ପ୍ରତ୍ୟେକ ଗାଁ ଓ ପ୍ରତି ଘରେ ପହଞ୍ଚି ଲୋକଙ୍କୁ ଭେଟି ସେମାନଙ୍କର ଭଲମନ୍ଦ ବୁଝିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଉଭୟ ଅଫ୍ ଏବଂ ଅନଲାଇନ୍‌ରେ ସଭ୍ୟ ସଂଗ୍ରହ ଚାଲିବ। ପଞ୍ଚାୟତରେ ପ୍ରତ୍ୟେକ ୱାର୍ଡ଼ରେ ୪ଜଣ, ଏନ୍‌ଏସିର ପ୍ରତ୍ୟେକ ୱାର୍ଡ଼ରେ ୫ଜଣ ଏବଂ ପୌରାଞ୍ଚଳର ପ୍ରତି ୱାର୍ଡ଼ରେ ୧୫ଜଣ ସକ୍ରିୟ ସଭ୍ୟ ଗ୍ରହଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ସମସ୍ତ ସଭ୍ୟମାନଙ୍କର ଆଧାର ଲିଙ୍କ୍ ମଧ୍ୟ କରାଯିବା ପାଇଁ ଚେଷ୍ଟା ରହିବ ବୋଲି କୁହାଯାଇଛି। ଏହି ଅବସରରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସୋର ବିଧାୟକ ପର୍ଶୁରାମ ଧଡ଼ା, ବ୍ରିଟ୍ ଚେୟାରମ୍ୟାନ୍ ଗୌରୀ ରାଉତ, ଜିଲାପରିଷଦ ଚେୟାରମ୍ୟାନ୍ ନିବେଦିତା ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ସୁଦର୍ଶନ ଜେନା, ପୂର୍ବତନ ଜିଲାପରିଷଦ ଚେୟାରମ୍ୟାନ୍ ଉର୍ମିଳତା ଦାସ, ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାନନ୍ଦ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଛାତ୍ର ବିଜେଡି ସଭାପତି ସିମନ ଦାସମହାପାତ୍ର, ବିଜୁ ନଗର ମହିଳା ସଭାପତି ରଞ୍ଜିତା ମହାପାତ୍ର, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଗିରିଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଜିଲା ସଭାପତି ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଯଶୋଦା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

ବାରିପଦା ଅଫିସ,୩।୯- ଗଣେଶ ପୂଜା ଅବସରରେ ବାରିପଦା ଯଶୋଦା ସାହିତ୍ୟ ସଂସଦ ପକ୍ଷରୁ ଏକ କବିତା ଆସର ଓ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁବ ସାହିତ୍ୟିକ ଡ. ସରୋଜ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ଅଧାପକ ଅଶୋକ କୁମାର ପୃଷ୍ଟି, କବୟିତ୍ରୀ ସୁନିତା ରାଣୀ ଓ ଏସ.ପି ଜ୍ୟୋତି ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରମଣ କୁମାର ବାରିକ୍, ସମୀକ୍ଷା ମହାନ୍ତଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଖ୍ୟାତିପୂର୍ଣ୍ଣା ମିଶ୍ର ଗଣେଶ ବନ୍ଦନା ଆବୃତ୍ତି କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଅଂଶଗ୍ରହଣ କରିଥିଲେ ।

### ସାନ୍ତାଳୀ ଅଭିଭାବକ ଆକ୍ସନ କମିଟିର ବୈଠକ

ବାରିପଦା ଅଫିସ,୩।୯-ଅଲ୍ ଓଡିଶା ସାନ୍ତାଳୀ ଅଭିଭାବକ ଆକ୍ସନ କମିଟି ଆନୁକୂଲ୍ୟରେ ବାରିପଦା କଚେରୀ ପଡିଆରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କମିଟିର ସଭାପତି ସୁନାରାମ ସୋରେନ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଓଡିଶାର ବିଭିନ୍ନ ସଙ୍ଗଠନ ମଧ୍ୟରେ ଭାରତ ଯାକାତ୍ ମାଝୀ ପାରଗାନା ମହଲ ଓଡିଶା ଶାଖା, ନିଖିଳ ଓଡିଶା, ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟି, ଆଦିବାସୀ ଛାତ୍ର ସଂଘ, ଜିଲା ପେସା ଗ୍ରାମସଭା କମିଟିର ଶତାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି । ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ଉପେନ୍ଦ୍ର ନାଥ ନଳଗଜା କଲେଜରେ ଛାତ୍ରୀଛାତ୍ରମାନଙ୍କୁ ଓଡିଆ ଭାଷା ପରିବର୍ତ୍ତେ ସାନ୍ତାଳୀ ଭାଷାରେ ପାଠପଢିବାକୁ ସୁଯୋଗ ଦେବା, ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜ ଗୁଡିକରେ ସାନ୍ତାଳୀ ସମ୍ମାନ ବିଷୟ ଓ ଇଚ୍ଛାଧିନ ବିଷୟ ଖୋଲିବା, ୟୁଜିସି ନିର୍ଦ୍ଦେଶାବଳୀ ସହିତ ସମ୍ବିଧାନର ପଞ୍ଚମ ଅନୁସୂଚୀ ନିୟମାନୁଯାୟୀ ସାନ୍ତାଳୀ ଅଧ୍ୟାପକ ନିଯୁକ୍ତି ପ୍ରଦାନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଏ ସମ୍ପର୍କରେ କମିଟି ପକ୍ଷରୁ ଉତ୍ତର ଓଡ଼ିଶା କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ଦାବି ଗୁଡିକ ପ୍ରତି ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ସମସ୍ତ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ରାସ୍ତାରେ ଧାନଗଛ ରୋଇଲେ ମହିଳା

ବଡ଼ସାହି,୩।୯(ସ୍ୱ.ପ୍ର)



ମହିଳାମାନେ ରାସ୍ତାରେ ଧାନଗଛ ରୋଉଛନ୍ତି।

- ୧୫ବର୍ଷ ହେଲା ପଡ଼ିନି ମୁଠାଏ ମାଟି
- କଂକ୍ରିଟ ନ ହେଲେ ଆନ୍ଦୋଳନ ଚେତାବନୀ

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗମନାଗମନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ମାତ୍ର ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଆନ୍ତରିକତା ଅଭାବରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଦିନର ଦାବି ପୂରଣ ହୋଇପାରୁ ନ ଥିବାରୁ ନିରୁପାୟ ହୋଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରାସ୍ତା ଉପରେ ଧାନଗଛ ଲଗାଇଛନ୍ତି । ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ପ୍ରତାପପୁର ପଞ୍ଚାୟତ ବାଥୁଡିବନ୍ଧ ଗ୍ରାମରେ ।

ଏହି ଗ୍ରାମର ୧୦ନଂ. ୱାର୍ଡରେ ୧୫୦ ପରିବାର ରହୁଥିବା ବେଳେ ୮ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଗାଁ ଠାରୁ ସାନନୂଆଗାଁ ପର୍ଯ୍ୟନ୍ତ ଯାଇଥିବା ୧ କି.ମି ପାଖାପାଖି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଫଳରେ ଯାତାୟାତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି । ଏହି ରାସ୍ତା ଦେଇ ପ୍ରତିଦିନ ୭ରୁ ୮ଶହ ଲୋକ ଯିବା ଆସିବା କରିଥାନ୍ତି। ଏହା ବ୍ୟତୀତ ପଞ୍ଚାୟତର ଅଧିକାଂଶ ଲୋକ ଏହି ରାସ୍ତା ଉପରେ ନିର୍ଭର କରି ଚଳପ୍ରଚଳ କରିଥାନ୍ତି । ଗ୍ରାମର ମନୋରଞ୍ଜନ ପ୍ରଧାନ, କାର୍ତ୍ତିକ ପ୍ରଧାନ, ରାଜୀବ ଗିରି, ଅମ୍ବିକା ଶଙ୍କର ଗିରି କୁହନ୍ତି, ସାମାନ୍ୟ ବର୍ଷା ହେଲେ ବଡ଼ ବଡ଼ ଗାତଗୁଡିକ ପାଣି କାଦୁଅରେ ଭର୍ତ୍ତି ହୋଇଯାଇଥାଏ। ଏପରି କି ପାଦରେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡିଥାଏ। ୩ ଚକିଆ କିମ୍ବା ଚାରି ଚକିଆ ଯାନ ଗାଁରେ ପଶିପାରେ ନାହିଁ । ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଗାଁକୁ ଯାଇପାରେ ନାହିଁ। ବାଧରେ ଯିବାଆସିବା କରୁଥିବା ଚାରିଚକିଆ ଯାନଗୁଡିକ କାଦୁଅରେ ଫସିଯାଇ ହଇରାଣ ହରକତ ହୋଇଥାନ୍ତି। ଏପରି କି ପ୍ରତିଦିନ ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରମାନେ ଏହି ରାସ୍ତାରେ ଗୋଡ଼ ଖସିଯାଇ ପାଣି କାଦୁଅରେ ସରସର ହୋଇ ଘରକୁ ଫେରିଥାନ୍ତି । ରୋଗୀ କିମ୍ବା ପ୍ରସୂତିମାନଙ୍କୁ ଡାକ୍ତରଖାନା ନେବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଆଜକୁ ୧୫ବର୍ଷ ହେବ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ ରାସ୍ତାରେ ମୁଠାଏ ମାଟି କିମ୍ବା ମୋରମ ପଡିନାହିଁ ବୋଲି ମାଆ ତାରିଣୀ, ମା ବିରଜା ଓ ମାଆ ହଳଦୀଗୁଣ୍ଡି ଏସଏସଜି ଗ୍ରୁପର ମହିଳାମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବିଭାଗର ଏପରି ଦାୟିତ୍ୱହୀନତା ଓ ଅବହେଳାକୁ ସାଧାରଣରେ ନିନ୍ଦା କରାଯାଇଛି । ଦୀର୍ଘ ଦିନରୁ ଅଞ୍ଚଳବାସୀଙ୍କ ପକ୍ଷରୁ ରାସ୍ତାଟିକୁ କଂକ୍ରିଟ କରିବା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଅଦ୍ୟାବଧି ପ୍ରଶାସନ କିମ୍ବା ରାଜନେତାଙ୍କ ଦୃଷ୍ଟି ପଡୁନାହିଁ । ଏଭଳି ପରିସ୍ଥିତିରେ ଗ୍ରାମର ଏସ୍ଏସ୍ଜି ମହିଳାମାନେ ଉତ୍ତ୍ୟକ୍ତ ହୋଇ କାଦୁଅ ରାସ୍ତାରେ ଧାନଗଛ ଲଗାଇଛନ୍ତି । ୧୫ ଦିନ ମଧ୍ୟରେ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମର ଅଜିତ ନାଏକ, ଅନୀଲ ନାଏକ, ଅଲେଖ ଗିରି, ସନିଆ ନାଏକ, ବିକର୍ତ୍ତନ ନାଏକଙ୍କ ସମେତ ସମସ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସସ୍ମିତା ନାଏକ କୁହନ୍ତି, ୨୦୧୭-୧୮ ଆର୍ଥିକ ବର୍ଷରେ ୨ଲକ୍ଷ ଟଙ୍କା ଆର୍ଥିକ ସହାୟତାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଆକ୍ସନ ପ୍ଲାନ ପାସ୍ ହୋଇ ପଞ୍ଚାୟତକୁ ଆସିଛି । ବର୍ଷା ଋତୁ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ତେବେ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ଅଧିକ ୨ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ଚଳିତ ବର୍ଷ ଆକ୍ସନ ପ୍ଲାନରେ ମଞ୍ଜୁର ହେଲେ ସମ୍ପୂର୍ଣ୍ଣ ରାସ୍ତା କଂକ୍ରିଟ ହୋଇପାରିବ ବୋଲି ସେ କହିଛନ୍ତି ।

### ବୈଶିଙ୍ଗାରେ ଅବାଧ ପଲିଥିନ କାରବାର

ବୈଶିଙ୍ଗା,୩।୯(ଡି.ଏନ୍.ଏ.):

ବୈଶିଙ୍ଗା ଓ ଏହାର ପାଖାପାଖି ଅଞ୍ଚଳରେ ପଲିଥିନ ବ୍ୟାଗ୍ର ବ୍ୟବହାର ଦିନକୁ ଦିନ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ପଲିଥିନର ଅପକାରିତା ଓ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଟିଭି, ରେଡିଓ ଓ ସମ୍ବାଦପତ୍ର ମାଧ୍ୟମରେ ଯେତେ ସଚେତନ କଲେ ମଧ୍ୟ ଜନସାଧାରଣଙ୍କ ଉପରେ ଏହାର ତିଳେମାତ୍ର ପ୍ରଭାବ ଅନୁଭୂତ ହେଉଥିବା ମନେ ହୁଏନାହିଁ। ଏହାର ସର୍ବାଧିକ ବ୍ୟବହାର ମାଛ ମାଂସ ଦୋକାନ, ପରିବା, ସଉଦା ଓ ଜଳଖିଆ ଦୋକାନରେ ହେଉଥିବାର ଲକ୍ଷ୍ୟ କରାଯାଉଛି। ନିକଟବର୍ତ୍ତୀ ଅଁଳା, ହରିପୁର, ପୁରୁଣିଆ, ପଣସିଆ, ମାଣତ୍ରୀ, ନଡ଼ପୁର, ଯୁଗପୁରା, କଳମା, ଗଡ଼ଦେଉଳିଆ ଆଦି ବଜାରରେ କେବଳ ପଲିଥିନ୍ ବ୍ୟାଗ୍ର ଦୋକାନଗୁଡ଼ିକ ବେଶ୍ ଭଲ ବ୍ୟବସାୟ କରୁଥିବା ଲକ୍ଷ୍ୟ କରାଯାଏ। ବୈଶିଙ୍ଗା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇଙ୍କୁ ପୋଲିସ ପ୍ରଶାସନ ପଦକ୍ଷେପ ସମ୍ପର୍କରେ ପଚାରିବାରୁ ଏ ବାବଦରେ ଅତିଶୀଘ୍ର ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୋଲିସ ତରଫରୁ ନୋଟିସ୍ ଜାରି କରାଯିବ ବୋଲି ଜଣାଇଛନ୍ତି।

## ଚାରା ରୋପଣ




ବିଇ ପଜିଟିଭ ଗ୍ରୁପର ସଦସ୍ୟମାନେ ।

କପ୍ତିପଦା, ୩।୯(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ ଦୁଣ୍ଡରିଆ ଗ୍ରାମରେ ବିଇ ପଜିଟିଭ୍ ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇ ପଜିଟିଭର ସଭାପତି ଚନ୍ଦନ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦସ୍ୟ ହରିବନ୍ଧୁ ଦାସ, ରଞ୍ଜନ ମହାନ୍ତି, ସର୍ବେଶ୍ୱର ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଗଛ ଲଗାଇବାରେ ସହଯୋଗ କରିଥିଲେ। ଯୁବ ସ୍ୱେଚ୍ଛାସେବୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ହିତେନ ମର୍ତ୍ତେନ ଦଳ ଚାମ୍ପିୟନ

ବାରିପଦା ଅଫିସ,୩।୯-ଜାମ୍ବିରାଡିହା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଶନିବାର ୨୭ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ରାଘପୁରର ପପ୍ଜି ଷ୍ଟାର ଓ ବୀରମାଲିର ହିତେନ ମାର୍ତ୍ତେନ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ହିତେନ ମାର୍ତ୍ତେନ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ବାରିପଦା ବ୍ଲକ ଅଧକ୍ଷା ପାର୍ବତୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସମାଜସେବୀ ଲାଟ୍ ସୋରେନ ମଞ୍ଚ ପରିଚାଳନା କରିଥିବାବେଳେ ଜେଡିଏସ କ୍ଲବର କର୍ମକର୍ତ୍ତା ପ୍ରଧାନ ସୋରେନ ଏବଂ ରୁରାଲ ୟଙ୍ଗ ଓ ଆଥଲେଟିକ ଆସୋସିଏଶନର କର୍ମକର୍ତ୍ତା ଲାଲ ମୋହନ ମାର୍ଣ୍ଡି,ରାଇସେନ ମାଣ୍ଡି, ଫାଡା କ୍ଲବର ସଦସ୍ୟ କୁଶ ମୁର୍ମୁ, ବାଇଧର ମୁର୍ମୁଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

### ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଖୁଣ୍ଟା,୩।୯ (ଡି.ଏନ୍.ଏ.)- ଖୁଣ୍ଟା ବ୍ଲକ ଅଧୀନ ବୃନ୍ଦାଗଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଖୁଣ୍ଟା ବ୍ଲକ ଓଷ୍ଟା ସଂଘର ସଭାପତି ତଥା ଭାଗବତ ଶିକ୍ଷାସଦନ ଗଡିଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ରାଣୀ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ସଭାରେ ବ୍ଲକ ଓଷ୍ଟା ସଂଘର ସମ୍ପାଦକ ସହଦେବ ବେହେରା, ଉପସଭାପତି ଅଶୋକ ଦାସ, ସହସମ୍ପାଦକ ନିତ୍ୟାନନ୍ଦ ମହାନ୍ତି, କର୍ମକର୍ତ୍ତା କୋକିଳ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ମହାନ୍ତିଙ୍କ ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଉପରେ ଆଲୋକପାତ କରିଥିଲେ।

## ଅଙ୍ଗଦାନ ପାଇଁ ସଚେତନତା ରାଲି



ମହିଳାମାନେ ସଚେତନତା ରାଲିରେ ଯାଉଛନ୍ତି।

ବେତନଟୀ, ୩।୯ (ଡି.ଏନ୍.ଏ.)-

ଅଖିଳଭାରତ ମାର୍ୱାଡି ମହିଳା ସମିତି ଆନୁକୂଲ୍ୟରେ ଓଡ଼ିଶା ପ୍ରଦେଶର ବେତନଟୀ ମାର୍ୱାଡି ଶାଖା ପକ୍ଷରୁ ଅଙ୍ଗଦାନ ପାଇଁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି। ଏହି ରାଲିରେ ବେତନଟୀ ଅଞ୍ଚଳର ମାର୍ୱାଡି ମହିଳାମାନଙ୍କ ସହିତ ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ। ବେତନଟୀ ମହାବିଦ୍ୟାଳୟ ନିକଟରୁ ଏକ ରାଲି ବାହାରି ବଜାର ପରିକ୍ରମା କରିଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସହଯୋଗ ରହିଥିବା ବେଳେ ସ୍ଥାନୀୟ ଥାନାର ମହିଳା ଏସ୍.ଆଇ. ମମତା ମିଶ୍ରଙ୍କ ସମେତ ମହିଳା ପୋଲିସ୍‌ମାନେ ସୁରକ୍ଷା ଦାୟିତ୍ୱରେ ଥିଲେ। ବବିତା ଖଣ୍ଡେଲ୍ୱାଲ୍ ଅଙ୍ଗଦାନ ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶା ଖଣ୍ଡେଲ୍ୱାଲ୍, ବବିତା ଖଣ୍ଡେଲ୍ୱାଲ୍, ଉଷା ଖଣ୍ଡେଲ୍ୱାଲ୍, ଶଶୀକଳା ଖଣ୍ଡେଲ୍ୱାଲ୍, ସବିତା ଖଣ୍ଡେଲ୍ୱାଲ୍, ପ୍ରେମଲତା ଅଗ୍ରୱାଲ୍, ସୁଶୀଳା ଅଗ୍ରୱାଲ୍, ରଜନୀ ଅଗ୍ରୱାଲ୍, ସବିତା ଅଗ୍ରୱାଲ୍ ପ୍ରମୁଖ ମହିଳାମାନେ ଉପସ୍ଥିତ ଥିଲେ। ବେତନଟୀ ମାର୍ୱାଡି ମଞ୍ଚ ପକ୍ଷରୁ ଦୀନେଶ୍ ଓଝା, ସୁନୀଲ୍ ଅଗ୍ରୱାଲ୍, ସିଦ୍ଧାର୍ଥ ଅଗ୍ରୱାଲ୍, ଦୀପକ ଖଣ୍ଡେଲ୍ୱାଲ୍ ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୩।୯(ଡି.ଏନ୍.ଏ.):

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁଯୋଡ଼ି ଗ୍ରାମର ଜଣେ ଯୁବକଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦ୍ର ସୋରେନ। ଏଥିନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୯) ରୁଜୁ କରି ତଦନ୍ତ ଚଳାଇଛି।

ସୋମବାର ରାତିରେ ଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ଭୋର ପ୍ରାୟ ୫ଟା ୩୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବିଶୋଇ,୩।୯(ଡି.ଏନ୍.ଏ.)-

ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ନଙ୍ଗଳବେଣ୍ଟା ପୋଖରିଆ ଗ୍ରାମରେ କଟକ ଫୁଲନଖରାସ୍ଥିତ ପ୍ରାଣୀ ସମ୍ପଦ ରୋଗ ନିରୂପଣ କେନ୍ଦ୍ର ଆନୁକୂଲ୍ୟରେ ଏବଂ ମୟୂରଭଞ୍ଜ ଜିଲା ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହାୟତାରେ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଙ୍ଗଳବେଣ୍ଟା ପୋଖରିଆ,ମାଖନା,ଦାନ୍ତୁଣି, ପନଖି ଗ୍ରାମରୁ ମୋଟ ୫୫ ଜଣ ଚାଷୀ ଯୋଗଦେଇଥିଲେ। ଶିବିରରେ ମୋଟ ୨୨୦ ଛେଳି, ମେଣ୍ଢା ଏବଂ ୧୦୦ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଦିବାସୀ ବହୁଳ ବିଶୋଇ ବ୍ଲକରେ ପ୍ରାଣୀ ସ୍ୱାସ୍ଥ୍ୟର ସୁରକ୍ଷା, ଉତ୍ପାଦନ ବୃଦ୍ଧି ଓ ରୋଗ ପ୍ରତିରୋଧକ ବିଷୟରେ ସଚେତନତା କରିବା ଏହାର ଉଦ୍ଦେଶ୍ୟ ଥିଲା। ଏନ.ବି ପୋଖରିଆ ପଞ୍ଚାୟତର ସରପଞ୍ଚ ମୋତି ବାରଦା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶଶାଙ୍କ କୁମାର ପାଣିଗ୍ରାହୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀରବର ବେହେରା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁବାଷ ଜେନା, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପୁଷ୍ପାଞ୍ଜଳି ବେହେରା, ଡ଼ା.ଦେବାଶିଷ ପରିଜା, ଡ଼ା.ତାପସ ମହାପାତ୍ର, ପ୍ରାଣୀଧନ ନିରୀକ୍ଷକ ଅରବିନ୍ଦ ସେଠୀ, ପ୍ରସନ୍ନ କୁମାର ନାଏକ, ଭବାନୀ ଗିରି, ରାଜେନ୍ଦ୍ର ମହାନ୍ତ, ରଜତ କର ପ୍ରମୁଖ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ।

## ତାଳ ମିଶନ: ଲାଗିଲା ୬ ଶହ ଚାରା

କପ୍ତିପଦା,୩।୯(ଡି.ଏନ.ଏ)

କପ୍ତିପଦା ବ୍ଲକ୍‌ରେ ଆରମ୍ଭ ହୋଇଥିବା 'ମିଶନ ତାଳ' ପକ୍ଷରୁ ମଙ୍ଗଳବାର ୬ଶହ ତାଳ ଚାରା ଜାମଶୂଳୀ ଓ ଗୋଳାଗଡିଆ ଗ୍ରାମରେ ରୋପଣ କରାଯାଇଛି । ଏହି ଚାରା ବହୁଳ ମାତ୍ରାରେ ରାସ୍ତା କଡ, ଖାଲି ପଡିଥିବା ଉଚ୍ଚ ସ୍ଥାନ ଓ ବିଲ ହିଡ ମାନଙ୍କରେ ଅଧିକ ସଂଖ୍ୟାରେ ରୋପଣ କରାଯିବ ବୋଲି ମିଶନ ପକ୍ଷରୁ ସିଦ୍ଧାନ୍ତ ନିଆଯାଇଛି । ଜାମଶୂଳୀ ଗ୍ରାମରେ ଗ୍ରାମବାସୀଙ୍କ ସହାୟତାରେ ଶିକ୍ଷକ କୁମୁଦ ଚନ୍ଦ୍ର ବିନ୍ଧାଣୀ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ତାଳ ଚାରା ରାସ୍ତାର ଉଭୟ ପାର୍ଶ୍ୱରେ ରୋପଣ କରିଛନ୍ତି । ସେହିଭଳି ଗୋଳାଗଡିଆ, ଉପେନ୍ଦ୍ର ଦାସ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ମହାପାତ୍ର , କିରାଣୀ ବିରେନ୍ଦ୍ର କୁମାର ବିନ୍ଧାଣୀ, ସିଆରସିସି ଅଜୟ କୁମାର ପରିଡା, ନରେନ୍ଦ୍ର ପୃଷ୍ଟି, ଶିକ୍ଷକ ସୁକଦେବ ମହଲା ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଠାରୁ ସୋଦ ପୋଖରୀ ପର୍ଯ୍ୟନ୍ତ ପ୍ରାୟ ଦେଢ କି.ମି ରାସ୍ତାର ଉଭୟ ପାର୍ଶ୍ୱରେ ୪ଶହରୁ ଊର୍ଦ୍ଧ୍ୱ ତାଳ ଚାରା ରୋପଣ କରିଛନ୍ତି । ଉଭୟ କାର୍ଯ୍ୟକ୍ରମରେ କପ୍ତିପଦା ବ୍ଲକ ଶିକ୍ଷାଧିକାରୀ ଶଶଧର ସିଂ ଉପସ୍ଥିତ ହୋଇ ପିଲାଙ୍କୁ ଉତ୍ସାହିତ କରିବା ସହିତ ନିଜେ ମଧ୍ୟ ଚାରା ପୋତି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ ଏହିଭଳି କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଲମ୍ବା ତାଳଗଛ ବଜ୍ରପାତର ଦାଉକୁ ବେଶୀ ସମ୍ଭାଳିଥାଏ। ତାହା ଆଉ ଗାଁ ମାନଙ୍କରେ ଦେଖିବାକୁ ମିଳୁ ନାହିଁ । ଯେ କି ବଜ୍ରାଘାତରୁ ସୁରକ୍ଷା ଦେଉଥିଲା। ତେଣୁ ଗ୍ଲୋବାଲ ୱାର୍ମିଂକୁ ନେଇ ଦିନକୁ ଦିନ ବଜ୍ରାଘାତ ବଢିବାରେ ଲାଗିଛି । ଆଗକୁ ଏହାର ପ୍ରଭାବ ବହୁତ ଅଧିକ ରହିବ ବୋଲି ପରିବେଶବିତମାନେ ମତ ଦେଉଛନ୍ତି। ଏଥିରେ ବେଶୀ କ୍ଷତିଗ୍ରସ୍ତ ହେଉଛନ୍ତି ବିଲରେ କାମ କରୁଥିବା ଚାଷୀକୂଳ। ତେଣୁ ବଜ୍ରାଘାତରେ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି । ଯଦି ପ୍ରାକୃତିକ ଉପାୟରେ କେହି ଏହି ବଜ୍ରାଘାତ ଭଳି ବିପତ୍ତିରୁ ରକ୍ଷା କରିପାରିବ ତାହା ହେଉଛି ତାଳଗଛ ବୋଲି ବୋଲି ମତ ପ୍ରକାଶ ପାଇବା ସହିତ ଏହି ତାଳ ମିଶନ ଆରମ୍ଭ କରାଯାଇଥିବା ଜଣାପଡ଼ିଛି।



ମିଶନ ତାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅତିଥିମାନେ ।

## ଥମୁନି ହାତୀ ଆତଙ୍କ: ପୁଣି ଜଣଙ୍କ ଜୀବନ ଗଲା

ରାସଗୋବିନ୍ଦପୁର,୩।୯ (ଡି.ଏନ.ଏ))

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ହାତୀପଲଙ୍କ ଉପଦ୍ରବ ଥମିବାର ନାଁ ଧରୁନି। ୧୩ଟି ହାତୀ ମାସେରୁ ଅଧିକ ସମୟ ହେଲା ରାସଗୋବିନ୍ଦପୁର ବ୍ଲକର ସାରୁମଳା, ଅମରଦା, ଝାଟିଅଡା, ନାକିଚୁଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ ଉପଦ୍ରବ କରିବା ସହିତ ଧନଜୀବନ ହାନୀ କରୁଛନ୍ତି। ବନବିଭାଗ ପକ୍ଷରୁ ସେମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରାଯାଉଥିଲେ ମଧ୍ୟ ସଫଳ ହୋଇ ପାରୁ ନାହାନ୍ତି। ଅଗଷ୍ଟ ମାସରେ ହାତୀ ଆକ୍ରମଣ ଯୋଗୁଁ ଅମରଦା ପଞ୍ଚାୟତର ଧୋବାକୁଣ୍ଡିଆ ଓ ଝାଟିଅଡା ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସୋମବାର ଅମରଦା ପଞ୍ଚାୟତ ଦଳେଇଡିହ ଗ୍ରାମର ରାମ ହେମ୍ବ୍ରମ (୬୩) ହାତୀ ଆକ୍ରମଣ ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ସୋମବାର ଧୋବାକୁଣ୍ଡିଆ ଜଙ୍ଗଲରେ ଥିବା ହାତୀପଲ ସନ୍ଧ୍ୟାରେ ଧୋବାକୁଣ୍ଡିଆ, ବାଉଁଶୁଳୀ ଗ୍ରାମ ଦେଇ ଦଳେଇଡିହ ଅଭିମୁଖେ ଅଗ୍ରସର ହୋଇଥିଲେ। ଉପରୋକ୍ତ ଗ୍ରାମର ଗ୍ରାମବାସୀ ଓ ବନବିଭାଗ କର୍ମଚାରୀ ହାତୀପଲକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ଭୋର ସମୟରେ ହାତୀପଲ ଜଙ୍ଗଲ ଅଭିମୁଖେ ଯାଉଥିବା ବେଳେ ଦଳେଇଡିହ ଗ୍ରାମର ରାମ ହେମ୍ବ୍ରମଙ୍କ ଘର ଉପରେ ଆକ୍ରମଣ କରିଥିଲେ। ହାତୀ ଘର ଅଭିମୁଖେ ଆସୁଥିବା ଜାଣିପାରି ପ୍ରାଣବିକଳରେ ପରିବାର ଲୋକମାନେ ଦୌଡି ପଳାଇ ଯାଇଥିବା ବେଳେ ଘର ପିଣ୍ଡାରେ ଶୋଇଥିବା ୬୩ ବର୍ଷର ବୃଦ୍ଧ ରାମ ହେମ୍ବ୍ରମଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡି ମାରି ଦେଇଥିଲା। ପରେ ହାତୀପଲ ଜଙ୍ଗଲ ଅଭିମୁଖେ ଚାଲିଯିବାରୁ ପରିବାର ଲୋକେ ବନବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ରେଣୁବାଳା ସାହୁ, ଏସିଏଫ ଦିଲ୍ଲୀପ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ରାମଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ଶବ ସତ୍କାର ପାଇଁ ତାଙ୍କ ପରିବାରକୁ ବିଜେଡି ଉପସଭାପତି ମୀନକେତନ ମହାନ୍ତିଙ୍କ ଉପସ୍ଥିତିରେ ବନବିଭାଗ ପକ୍ଷରୁ ୪୦ହଜାର ଟଙ୍କା ଓ ଅମରଦା ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗତ ଏକମାସ ମଧ୍ୟରେ ହାତୀ ଆକ୍ରମଣ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଲୋକଙ୍କ ଘର ଭାଙ୍ଗିବା ସହିତ ବ୍ୟାପକ ଫସଲ ନଷ୍ଟ ହୋଇଛି। ହାତୀପଲକୁ ଠିକ ଭାବେ ଘଉଡା ଯାଉ ନ ଥିବାରୁ ଅଞ୍ଚଳରେ ହାତୀ ଉପଦ୍ରବକୁ ନେଇ ତୀବ୍ର ଉତ୍ତେଜନା ଦେଖାଯିବା ସହ ଆନ୍ଦୋଳନର ଦାନା ବାନ୍ଧୁଥିବା ଜାଣିବାକୁ ମିଳିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକ ମୃତ

**ଜଳେଶ୍ୱର, ୩।୯:** ଜଳେଶ୍ୱର ପୌରାଞ୍ଚଳର ୧୩ ନଂ. ୱାର୍ଡ଼ ନନ୍ଦିକା ଗ୍ରାମର ୯ବର୍ଷର ବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନନ୍ଦିକା ଗ୍ରାମର ବିଜୟ ଗିରିଙ୍କ ପୁଅ ଗୌରଗୋପାଳ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟରେ ହୋଇଥିବା ଗଣେଶ ପୂଜାରେ ଲାଗିବା ପାଇଁ ଦିଆଯାଇଥିବା ବହି ବସ୍ତାନୀ ଆଣିବାକୁ ଯାଇଥିଲେ। ସେ ବହି ବସ୍ତାନୀ ଆଣି ଘରେ ରଖି ପାଖରେ ଥିବା ପୋଖରୀକୁ ଗୋଡ଼ ଧୋଇବା ପାଇଁ ଯାଇଥିଲେ। ପୋଖରୀରୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକମାନେ ତାଙ୍କୁ ଖୋଜିବା ପାଇଁ ପୋଖରୀ ନିକଟକୁ ଯାଇଥିଲେ। ସେଠାରେ ତାଙ୍କୁ ନ ପାଇବାରୁ ସେ ପୋଖରୀରେ ବୁଡିଯାଇଥିବା ଅନୁମାନ କରି ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ପାଣି ଭିତରୁ ଉଦ୍ଧାର କରି ସ୍ଥାନୀୟ ଜିକେଭଟ୍ଟର ହସ୍‌ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ଜଳେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଗୌରଗୋପାଳ ସ୍ଥାନୀୟ ନନ୍ଦିକା ମଇ ବିଦ୍ୟାଳୟର ୩ୟ ଶ୍ରେଣୀର ଛାତ୍ର ଥିଲେ।

### ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଥାନାରେ ମାମଲା

**ସୋର, ୩।୯(ଡି.ଏନ.ଏ.):** ସୋର ପୌରପରିଷଦ ଅଧୀନ ଅଞ୍ଚଳର ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକଙ୍କ ସହ ଜଣେ ବିବାହିତା ମହିଳାଙ୍କ ଅନୈତିକ ସମ୍ପର୍କର ଭିଡିଓ ଭାଇରାଲ ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଜାଣିବା ପରେ ଗତମାସ ୨୪ତାରିଖରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୭୭/୧୯ ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଯାଏ ଅଭିଯୁକ୍ତ ଗିରଫ ହୋଇ ନ ଥିବା ଜଣାପଡିଛି।

### ବଳାତ୍କାର ଅଭିଯୋଗ, ଥାନାରେ ମାମଲା

**ତେଲକୋଇ, ୩।୯(ଡି.ଏନ.ଏ.)-** ତେଲକୋଇ ଥାନା ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତର ରାଣିବେଡା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ମହିଳାଙ୍କୁ ଡାକ୍ତରୀମାଇନା କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିବା ଉଦ୍ୟମ କରୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏନେଇ ଥାନାରେ ପୋଲିସ ଏକ ମାମଲା (ନଂ ୯୨/୧୯) ରୁଜୁ କରିଛି।

### ବିପଦପୂର୍ଣ୍ଣ ଯାତ୍ରୀ ପରିବହନ
#### ପୋଲିସ ନୀରବ

**ଆନନ୍ଦପୁର, ୩।୯(ସ୍ୱ.ପ୍ର.)-** ଆନନ୍ଦପୁର ଅଞ୍ଚଳରେ ଅନେକ ସମୟରେ ବିପଦପୂର୍ଣ୍ଣ ଭାବେ ଘରୋଇ ବସଗୁଡିକରେ ଯାତ୍ରୀ ପରିବହନ ହେଉଥିଲେ ସୁଦ୍ଧା ପୋଲିସ ପ୍ରଶାସନ ଜାଣିଶୁଣି ନୀରବ ରହିବା ପରିତାପର ବିଷୟ ସାଜିଛି। ବିଶେଷ କରି ଆନନ୍ଦପୁର-କରଞ୍ଜିଆ ଏବଂ ଆନନ୍ଦପୁର-ଭଦ୍ରକ ଯାତାୟାତ କରୁଥିବା ବସ ଗୁଡିକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ବସ୍ ଉପରେ ଯାତ୍ରୀମାନେ ଅତି ଦୟନୀୟ ଭାବେ ବିପଦପୂର୍ଣ୍ଣ ଅବସ୍ଥାରେ ବସୁଥିବାବେଳେ କୌଣସି ସମୟରେ ଅଘଟଣର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ହେଲେ ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ନ ଦେବା ପରିତାପର ବିଷୟ ସାଜିଛି। ଏଭଳି ଘଟଣାରେ ଧନ, ଜୀବନ ହାନି ଘଟିବାର ଆଶଙ୍କା ଦେଖାଦେଇଥିବାବେଳେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ଅବହେଳିତ ଗାଁ ଗୋଧୂଳି

**ଚମ୍ପୁଆ,୩।୯(ଡି.ଏନ.ଏ.)**

- ସମସ୍ତେ ଥାଇ ମଧ ହେଉନି ଉନ୍ନତି
- ଫେଲ ମାରିଛି ଜଳ ନିଷ୍କାସନ ବ୍ୟବସ୍ଥା
- ପାଇପ୍ ପଡ଼ିଛି, ହେଉନି ନିର୍ମାଣ

ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନଂ ୱାର୍ଡ ମାନ୍ୟତା ପାଇଥିବା ଗୋଧୂଳି ଗାଁ ଆଜି ଅବହେଳିତ। ରାସ୍ତା ଘାଟ ଠାରୁ ଆରମ୍ଭ କରି କମ୍ୟୁନିଟି ପାଇଖାନା ଓ ସ୍ୱଚ୍ଛତା କ୍ଷେତ୍ରରେ ଏହାର ଉନ୍ନତି ଖୁବ ପଛରେ ପଡିଛି। ଚମ୍ପୁଆ ପଞ୍ଚାୟତ ସମୟରେ ତିନି ତିନି ଜଣ ସରପଞ୍ଚ ଓ ଏନଏସି ଆରମ୍ଭର ପ୍ରଥମ ଚେୟାରମ୍ୟାନ ଏହି ଗ୍ରାମରୁ ନିର୍ବାଚିତ ହୋଇଥିବାବେଳେ ଏହାର ଉନ୍ନତି ହୋଇ ନ ପାରିବା ଅତ୍ୟନ୍ତ ଦୁଃଖର ବିଷୟ ପାଲଟିଛି। ସରପଞ୍ଚ, ଚେୟାରମ୍ୟାନ ଥାଇ ମଧ ଏହି ଗ୍ରାମ ଅଣଦେଖାର ଶିକାର ହେଉଛି।

ସୂଚନା ଅନୁସାରେ ଚମ୍ପୁଆ ଏନଏସିର ଉପାନ୍ତରେ ଅବସ୍ଥିତ ପାହାଡ ତଳି ଗାଁ ଗୋଧୂଳି ଏନଏସି ଗଠନ ପରେ ୧ନଂ ୱାର୍ଡର ମାନ୍ୟତା ପାଇଛି। ଏହି ଗ୍ରାମରେ ବସବାସ କରୁଥିବା ପ୍ରାୟ ୯୮ ଭାଗ ଲୋକ ଆଦିବାସୀ ସମ୍ପ୍ରଦାୟର। କାଁ ଭାଁ କେତେଜଣଙ୍କୁ ଛାଡିଦେଲେ ପ୍ରାୟତଃ ସମସ୍ତେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏକପଟେ ବୈତରଣୀ ନଦୀ ବୋହି ଯାଉଥିଲେ ମଧ୍ୟ ପାଣିବିନା ଅନେକ ସମୟରେ ଚାଷରେ କ୍ଷତି ସହୁଛନ୍ତି ଗୋଧୂଳି ଗ୍ରାମବାସୀ। ଏହି ଗ୍ରାମରେ ତଳସାହି, ମଝିସାହି, ଉପରସାହି, ବଙ୍କା ସାହି, ତିନିଘରିଆ ସାହି, ଭାଲିଆଡିପା ଓ ଦଳେଇ ସାହି ଆଦି ରହିଅଛି। କେବଳ ଭାଲିଆଡିପା ସାହିକୁ ଛାଡିଦେଲେ ଅନ୍ୟ କୌଣସି ସାହିରେ ରାସ୍ତା ଘାଟର ଉନ୍ନତି ହୋଇ ନ ଥିବା ଦେଖିବାକୁ ମିଳିଛି। ସ୍ୱଚ୍ଛ ଭାରତ ଅଭିଯାନ ମଧ ଏଠାରେ କାମ କରୁ ନ ଥିବା ବେଳେ ଲଟା ଓ ବୁଦା ସହିତ ଗାଁ ଦାଣ୍ଡରେ ଭାସୁଥିବା ପଚାପାଣି ମଶା ମାନଙ୍କ ଆବାସ ସ୍ଥଳି ପାଲଟିଛି। ଦୀର୍ଘ ଦିନ ପୂର୍ବରୁ ଖୋଳାଯାଇଥିବା ଡ୍ରେନ ପୋତି ହୋଇପଡିଥିବାରୁ ଜଳ ନିଷ୍କାସନର ବ୍ୟବସ୍ଥା ଫେଲ ମାରିଛି। ଏନଏସି ପକ୍ଷରୁ ଗାଁର ଶେଷ ମୁଣ୍ଡରେ କରାଯାଇଥିବା କମ୍ୟୁନିଟି ପାଇଖାନା ଲୋକଙ୍କ କାମରେ ଲାଗୁନାହିଁ। ବାଧହୋଇ ଲୋକ ବାହାରେ ମଳତ୍ୟାଗ କରୁଥିବାରୁ ଏନଏସିର ମଳମୁକ୍ତ ଏନଏସି ଗଠନ ସ୍ୱପ୍ନ ଅଧୁରା ରହିଯାଇଛି। ଏହି ଗାଁକୁ ଯିବାକୁ ହେଲେ ପଡୁଥିବା ଏକ ନାଳ ଉପରେ କଲଭର୍ଟ ନିର୍ମାଣ ପାଇଁ ଗ୍ରାମବାସୀ ଦିର୍ଘ ଦିନ ହେବ ଦାବି କରିଆସୁଥିଲେ ମଧ କେବଳ ରାସ୍ତା କଡରେ ହୋମ ପାଇପ ପକାଯାଇ ଲୋକଙ୍କ ମଧରେ କଲଭର୍ଟ ନିର୍ମାଣର ଆଶା ବଞ୍ଚାଇ ରଖାଯାଇଛି। ବର୍ଷା ଦିନେ ଉକ୍ତ ରାସ୍ତାରେ ଯାତାୟତ କରିବା ଦୁର୍ବିସହ ହୋଇପଡିଛି। ଗାଁ ପରିମଳ ଧୋବା ତଠରୁ ଢଗ ଅନୁସାରେ ଏହି ଗାଁର ପରିସ୍ଥିତି ଏହି ନାଳରୁ ଜଣାପଡିଥାଏ। ତେବେ ତୁରନ୍ତ ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗୋଧୂଳିବାସୀ ଦାବି କରିଛନ୍ତି।



ଗାଁ ଦାଣ୍ଡ ଶୋଚନୀୟ।



ପାଇପ୍ ପଡ଼ି ମଧ ଅବସ୍ଥା ସୁଧୁରୁନି।

# କରମା ପର୍ବ ପାଇଁ ବୈତରଣୀରୁ ବାଲି ଉଠିଲା

**ପାଟଣା,୩।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଧାନବେଣୀଦେଇ ପ୍ରବାହିତ ହୋଇଥିବା ବୈତରଣୀ ନଦୀ ତଟରୁ ମଙ୍ଗଳବାର ବିଭିନ୍ନ ରାଜ୍ୟର କୁଡୁମୀ ସମ୍ପ୍ରଦାୟର ଲୋକ ମାନେ ଏକତ୍ରିତ ହୋଇ ଦେଶ କରମା ପର୍ବ ପାଇଁ ବାଲିଉଠା କାର୍ଯ୍ୟକ୍ରମ ସମ୍ପନ୍ନ କରିଛନ୍ତି। କୁଡୁମୀ ସମ୍ପ୍ରଦାୟର ଏହି ନିଆରା କୃଷି ଭିତ୍ତିକ ପର୍ବ ସେପ୍ଟେମ୍ବର ୩ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୯ ତାରଖ ପର୍ଯ୍ୟନ୍ତ ଚାଲିବ। କରମା ପର୍ବରେ ସାମିଲ ହେବାପାଇଁ ଏହି ସମ୍ପ୍ରଦାୟର ଲୋକ ମାନେ କୋଲକତା, ବିହାର, ଝାଡ଼ଖଣ୍ଡ, ପୁରୁଲିଆ, ମେଦିନପୁର, ବାରିପଦା ଓ ରାଇରଙ୍ଗପୁର ଓ କେନ୍ଦୁଝର ଅଞ୍ଚଳରୁ ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ। ପ୍ରଥା ଅନୁଯାୟୀ ନଦୀରୁ ନୂଆ ସୁସଜ୍ଜିତ ଡାଲା ଗୁଡିକର ବାଲି ଉଠାଇବା ପରେ କରମା ଗଛର ଡାଳ, ଧାନ କେଣ୍ଡା ପୋତିବା ପରେ, କୋଳଥ, ମୁଗ ,ବିରି ଓ ନାନା ଶସ୍ୟ ସ୍ଥାପନା କରିବା ପରେ ଯଥା ରୀତିନୀତିରେ ପୂଜାର୍ଚ୍ଚନା କରିବା ପରେ ଏକ ସୁସଜ୍ଜିତ ରଥରେ ଏହି ଡାଲା ଗୁଡିକ ଯଶିପୁରର ମହାର୍ଦ୍ଧାପଳାଶାକୁ ପାରମ୍ପରିକ ନାଚ ଗୀତରେ ନିଆଯାଇଛି। ଏହିପର୍ବରେ କୁଡୁମୀ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତିମାନେ ନିଜକୁ ସାମିଲ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ଗୌରହରି ମହାନ୍ତ, ସାମାଜିକ କର୍ମୀ ମନୋହର ମହାନ୍ତ, ବିଦ୍ୟାଧର ମହାନ୍ତ, ସୁକାନ୍ତ ମହାନ୍ତ, ଡ଼ଃ.ପ୍ରତାପ ମହାନ୍ତ, ଭାଜପାର ବରିଷ୍ଠ ନେତା ଅଂଶୁମାନ ସବୁଜ ମହାନ୍ତ, ଦେଶ କରମା ପର୍ବର ସଭାପତି ମଙ୍ଗୁଲୁରାମ ମହାନ୍ତ ଓ ସୁଶୀଲ ମହାନ୍ତ ପ୍ରମୁଖ ବହୁ ବିଶିଷ୍ଟ କୁଡୁମୀ ସମ୍ପ୍ରଦାୟର ବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏହି ସମ୍ପ୍ରଦାୟର ଝୁମର ନାଚ ଗୀତ ଆଉ କୁଡ଼ମାଲିର ତାଳେ ତାଳେ ଯୁବତୀ ଓ ଯୁବକ ନୃତ୍ୟ କରିଥିଲେ।



କରମା ପର୍ବ ପାଇଁ ବାଲି ଉଠାଯାଉଛି।

# ପାଲା କଳାକାର ସଂଘ ବୈଠକ



ପାଲା କଳାକାର ସଂଘର କର୍ମକର୍ତ୍ତାମାନେ।

**ଚମ୍ପୁଆ,୩।୯(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତର ଦୋଳିତାଠାରେ ଶ୍ରୀ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା କଳାକାର ସଂଘ ଚମ୍ପୁଆ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୟୋଜ୍ୟେଷ୍ଠ ଗାୟକ ତଥା ସଂଘର ସଭାପତି ଉପେନ୍ଦ୍ର ନାଥ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗାୟକ ଶିବାନୀ ଭାବଗ୍ରାହୀ ମହାନ୍ତ, ଗାୟକ ସୁରତ ଚନ୍ଦ୍ର ଗିରି, ଈଶ୍ୱର ଚନ୍ଦ୍ର ବେହେରା, ତୁଳସୀରାମ ମହାନ୍ତ, ଗାୟିକା ବୀଣାପାଣି ମହାରଣା, ତରୁମଣୀ ଦାସ, ସୁଶିଳା ସିଂ ପ୍ରମୁଖ ଯୋଗଦେଇଥିଲେ। ଚମ୍ପୁଆ ଶାଖାକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତ ପାଲା କଳାକାରମାନଙ୍କୁ ସାମିଲ କରାଯାଇ ସଂଘକୁ ସଦୃଢ଼ କରିବା ସହିତ ଆସନ୍ତା ବାର୍ଷିକ ପାଲା ସମ୍ମିଳନୀ କାଶିପାଳଠାରେ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯୁବ ଗାୟକ କୃଷ୍ଣଚନ୍ଦ୍ର ନାଏକଙ୍କୁ ଏହାର ଦାୟିତ୍ୱ ନ୍ୟସ୍ତ କରାଯିବା ସହିତ ସମସ୍ତ କଳାକାରଙ୍କ ସହଯୋଗ ଆଶା କରାଯାଉଥିଲା। ଏହି ବୈଠକରେ ପର୍ଶୁରାମ ମହାରଣା, ମଦନ ମୋହନ ମହାରଣା, ବାଜିରାଉତ ବାରିକ, ଶମ୍ଭୁନାଥ ମହାନ୍ତି, ସଦାନନ୍ଦ ବାରିକ, ନାରାୟଣ ସିଂ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## କଳା ଦିବସ ପାଳିବାକୁ କୁଡୁମୀ ସେନାର ପ୍ରସ୍ତୁତି

**ପାଟଣା,୩।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ମାଛଗାଡ଼ ପଞ୍ଚାୟତ ସନ୍ନିକଟ ପଡିଆରେ ମଙ୍ଗଳବାର ଜିଲା ବ୍ୟାପୀ ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ରୂପେ ପାଳିବାକୁ କୁଡୁମୀ ସେନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟ ମିଡିଆ ସେଲ ଅଧ୍ୟକ୍ଷ ଲମ୍ବୋଦର ମହାନ୍ତଙ୍କ ଅଧ୍ୟକ୍ଷତାରେ କୁଡୁମୀ ସେନାର କର୍ମକର୍ତ୍ତା ଜୟଚନ୍ଦ୍ର ମହାନ୍ତ ଓ ସମରେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇ ଏହି ଜାତିର ନ୍ୟାର୍ଯ୍ୟ ଦାବିକୁ କେନ୍ଦ୍ର ସରକାର ମାନି ନେଇ ଯଥାଶୀଘ୍ର କୁଡୁମୀ ଜାତି କୁ ଆଦିବାସୀ ତାଲିକା ଅନ୍ତର୍ଭୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ।

## ବିଭିନ୍ନ ସମସ୍ୟା ନେଇ ବୈଠକ

**ହାଟଡିହୀ, ୩।୯(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବିକାଶ ମଞ୍ଚ ତରଫରୁ ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହାଟଡିହୀରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ହାଟଡିହୀ ଉଚ୍ଚ ବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ଅସୁବିଧା, ହାଟଡିହୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା, ଦୀର୍ଘ ମାସ ହେବ କୋର୍ଟ ପାଇଁ ଗୃହ ନିର୍ମାଣ ସରିଥିଲେ ବି କାର୍ଯ୍ୟକ୍ଷମ ନ ହେବା ପ୍ରଭୃତି ବିଭିନ୍ନ ସମସ୍ୟା ନେଇ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବିକାଶ ମଞ୍ଚର ସଭାପତି ନିତ୍ୟାନନ୍ଦ ପହି, ଉପଦେଷ୍ଟା ଘନଶ୍ୟାମ ପହି, ସନାତନ ବେହେରା, ଚୈତନ୍ୟ ବେହେରା, କାମପାଳ ନାୟକ, ସୁରେନ୍ଦ୍ର ବାରିକ, ସନ୍ତୋଷ ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅର୍ଦ୍ଧାହାରରେ ବିତୁଛି ଦିନ

**ହାଟଡିହୀ, ୩।୯(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ବିଧବା ମହିଳା ବାସନ୍ତୀ ମଣ୍ଡଳ(୫୫) ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ତାଙ୍କ ସ୍ୱାମୀ ଗୌରାଙ୍ଗ ଜେନା ପ୍ରାୟ ବର୍ଷେ ହେବ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ପତ୍ନୀ ପରର ମୂଲମଜୁରୀ ଲାଗି ପେଟ ପୋଷିଥାନ୍ତି। ମାଟି ଝୁମ୍ପୁଡି, ଅଧାଭଙ୍ଗା ଘରେ ଏକାକୀ ଜୀବନ ଅତିବାହିତ କରୁଛନ୍ତି। ସେ ଏବେ ଥାଲେସେମିଆ ରୋଗରେ ପୀଡିତ ହୋଇଛନ୍ତି। ତାଙ୍କ ଶରୀରର ମୁହଁ, ହାତ ଗୋଡ ଫୁଲିଯାଇଥିବାବେଳେ ଠିକ ଭାବେ ଚଳପ୍ରଚଳ କରିପାରୁ ନାହାନ୍ତି। ଫଳରେ ପରର ମୂଲ ମଜୁରୀ ଲାଗି ପେଟ ପାଇଁ ଦି ପଇସା ରୋଜଗାର କରିବା ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି। କେବଳ ରାଶନ୍ କାର୍ଡରେ ଯାହା କିଛି ଯୋଗାଣ ସାମଗ୍ରୀ ମିଳୁଛି ତାହା ହିଁ ତାଙ୍କ ସାହା ଭରସା ହୋଇଛି। ଏହି ରାଶନ୍ କାର୍ଡରେ ତାଙ୍କୁ ମାସିକ କେବଳ ୫ କେଜି ଚାଉଳ ମିଳୁଛି। କେତେବେଳେ କିଏ ଗଣ୍ଡେ ଯଦି ଖାଇବାକୁ ଦିଏ, ତାକୁ ଖାଇ ଜୀବନ ବଞ୍ଚିଥାଏ। କିନ୍ତୁ ସରକାରୀ ଯୋଜନାରେ ତାଙ୍କୁ ଭତ୍ତାଟିଏ ଅଦ୍ୟାବଧି ମିଳିପାରିନି କି ସରକାରୀ ଆବାସ ଗୃହ ଯୋଜନାରେ ଏହି ବିଧବାଙ୍କୁ ସାମିଲ କରାଯାଇପାରିନି। ବହୁ ସମୟରେ ଅର୍ଦ୍ଧାହାରରେ ଜୀବନ ବିତୁଛି। କିନ୍ତୁ ଏଥିପ୍ରତି ସ୍ଥାନୀୟ ଲୋକପ୍ରତିନିଧି କିମ୍ବା ବ୍ଲକ ପ୍ରଶାସନ ଏବଂ ଉପଖଣ୍ଡ ପ୍ରଶାସନ ଦୃଷ୍ଟି ନଦେବା ପରିତାପର ପ୍ରସଙ୍ଗ ସାଜିଛି। ବାସନ୍ତୀ କହିଛନ୍ତି ଯେ, ଏପରି ଅର୍ଦ୍ଧାହାରରେ ଆଉ କେତେ ଦିନ ବଞ୍ଚିବି, ପୁଣି ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁନି। ଯଦି ପ୍ରଶାସନ ମୋ ପ୍ରତି ସଦୟ ହୁଅନ୍ତେ ତେବେ ମୁଁ ମୋର ବାକି ଜୀବନ ଶାନ୍ତିରେ କଟାଇପାରନ୍ତି। ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ କହିଛନ୍ତି ଯେ, ସରକାରୀ ଯୋଜନା ଏହି ମହିଳାଙ୍କ ପାଇଁ ଦିଗହରା ହୋଇପଡିଛି। ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।



ଥାଲାସେମିଆ ରୋଗରେ ପୀଡ଼ିତ ବାସନ୍ତୀ।

# ଗୋରୁଙ୍କୁ ବ୍ୟାପୁଛି ବସନ୍ତ ରୋଗ

**ବଉଳା, ୩।୯(ଡି.ଏନ.ଏ.)**

**ଚିକିତ୍ସା ପାଇଁ ଡାକ୍ତର ନାହାନ୍ତି**

ସରକାର ଗୋପାଳନ କରିବାକୁ ପ୍ରୋତ୍ସାହନ ଦେବା ସହିତ ତାଙ୍କୁ ଚିକିତ୍ସା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାମାନ କରାଯାଉଛି। ଡାକ୍ତର ଅଭାବ ସାଙ୍ଗକୁ ପଶୁ ବିଭାଗ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ପଡୁ ନ ଥିବାରୁ ଗୋରୁ ଏବେ ସଙ୍କଟରେ ପଡ଼ିବା ସହିତ ବିଭିନ୍ନ ରୋଗ ସେମାନଙ୍କୁ ଆକ୍ରାନ୍ତ କରି ମୃତ୍ୟୁମୁଖକୁ ଠେଲି ଦେଉଛି। ଯାହାଫଳରେ ଗୋପାଳନ କରୁଥିବା ଚାଷୀ ଚିନ୍ତା ପ୍ରକଟ କରୁଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଏବେ ଗୋରୁଙ୍କୁ ବସନ୍ତ ରୋଗ ବ୍ୟାପୁଥିବାରୁ ସେମାନଙ୍କୁ ଚିକିତ୍ସା କରିବାକୁ ପଶୁ ବିଭାଗର କାହାର ଦେଖାନାହିଁ। ଯାହାଫଳରେ ଶହ ଶହ ଗୋରୁ ଏବେ ବସନ୍ତ ରୋଗରେ ଆକ୍ରାନ୍ତ ହେବା ସହିତ ଫାଟୁଆ ରୋଗରେ ଆକ୍ରାନ୍ତ ହେଉଛନ୍ତି । ୫୦ରୁ ଉର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ ହୋଇଥିବା ବେଳେ ବଣିଆପଙ୍କ, ଅତୁରିକଣା, କୁରାଡ଼ୀଘସା, କାହାଳିଆଗଡ଼ିଆ, ମାଝୀସାହି ଆଦି ଗ୍ରାମରେ ଏହି ରୋଗ ବ୍ୟାପିଛି। ଏହାକୁ ନେଇ ଚାଷୀ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ପଡ଼ିଆରୀପଲୀ ପଞ୍ଚାୟତରେ ଏଲଆଇ ସେଣ୍ଟର ଥିବାବେଳେ ସେଠାରେ ଡାକ୍ତର ନ ଥିବାରୁ ଦିନକୁ ଦିନ ରୋଗ ବ୍ୟାପୁଛି। ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଗୋରୁ ଚାଷୀମାନେ ଦାବି କରିଛନ୍ତି । ଯଦି ବିଭାଗ ପକ୍ଷରୁ ଦୃଷ୍ଟି ଦିଆନଯାଏ ତାହେଲେ ବହୁ ଗୋରୁ ଜୀବନ ହରାଇବେ ବୋଲି ଅଭିଯୋଗ ହେଉଛି ।

# ସବୁଠି ଗଣେଶ ପୂଜା ପାଳିତ

**ବଉଳା/ଝୁମ୍ପୁରା/ଆନନ୍ଦପୁର, ୩।୯ (ଡି.ଏନ.ଏ./ସ୍ୱ.ପ୍ର.)**

ହାଟଡିହୀ ବ୍ଲକର ଗଣେଶ ପୂଜା ପାଇଁ ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇପଡ଼ିଛି । ଜବାହର ନବୋଦୟ ବିଦ୍ୟାଳୟ ହଦଗଡ଼ରେ ସୁନ୍ଦର ତୋରଣ କରି ଛାତ୍ରୀଛାତ୍ର, କର୍ମଚାରୀ, ଅଧାପିକାଅଧାପକ, ଅଧକ୍ଷ ଗଣେଶ ପୂଜା ପାଳନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ସୋସୋ ମେଡିକାଲ ଛକରେ ମା’ ତାରିଣୀ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଛି। ସଭାପତି ଆଶିଷ କୁମାର ରାଉତ, ସମ୍ପାଦକ ରାଜେଶ ସିଂ, ସିଦ୍ଧାର୍ଥ ରାଉତ, ପାର୍ଥସାରଥୀ ରାଉତ, ସୌରଭ ରାଉତ, ମନୋଜ ରାଉତଙ୍କ ନେତୃତ୍ୱରେ ଏହି ପୂଜା ପାଳିତ ହୋଇଯାଇଛି। ସେହିପରି ସଢ଼ା, ପଡ଼ିଆରୀପଲୀ, ହାଟଡିହୀ, ତହସିଲ ଛକ, ବାଲିବରେଇ, ନିଶାକର ହାଇସ୍କୁଲ, ବାରିଗାଁ ଆଦି ବିଭିନ୍ନ ସ୍ଥାନ ଗୁଡ଼ିକରେ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି।

ସେହିପରି ଝୁମ୍ପୁରା ଅଞ୍ଚଳର ବିଦ୍ୟାଳୟ ଗୁଡିକରେ ଗଣେଶଙ୍କ ପୂଜା ସରିଥିବାବେଳେ, କ୍ଲବଘର, ବ୍ୟବସାୟିକ ଅନୁଷ୍ଠାନ, ଗ୍ରାମ୍ୟ କମିଟିମାନଙ୍କ ଦ୍ୱାରା କରାଯାଉଥିବା ଗଣେଶ ପୂଜା ୩ରୁ ୪ଦିନ ଚାଲିବ ବୋଲି ଜଣା ପଡିଛି। ଝିପି ଝିପି ବର୍ଷା ସହିତ କୋହଲା ପବନ, ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରଦ୍ଧାଳୁ ତଥା ବିଦ୍ୟାର୍ଥୀମାନେ ପୂଜା ଉତ୍ସବ ପାଳନ କରିଥିଲେ। ଝୁମ୍ପୁରାରେ ହାପି କ୍ଲବ ଏବଂ ଦିବ୍ୟଜ୍ୟୋତି ଯୁବକ ସଂଘ ପକ୍ଷରୁ ଦୁର୍ଗାପଡିଆ ଏବଂ ଦୋଳ ପଡିଆରେ ଜାକଜମକରେ ପୂଜା ପାଳିତ ହେଉଛି। ୨୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଉକ୍ତ ୨ ଯୁବସଂଘ ଗଣେଶ ପୂଜା ଉତ୍ସବ ପାଳନ କରି ଆସୁଛନ୍ତି।

ଘସିପୁରା ବ୍ଲକ ବାତୋ ଗ୍ରାମର ବାବା ବକୁଳି ଗୋସ୍ୱାମୀ ଯୁବକ ସଂଘ ପକ୍ଷରୁ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାର୍ଚ୍ଚନା ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ସକାଳ ୧୦ ଘଟିକା ସମୟରେ ଘଟ ସ୍ଥାପନା ଓ ଯଥାବିଧି ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗ୍ରାମର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। କ୍ଲବ ପକ୍ଷରୁ ତେଜେସ୍ୱର ସା, ବଳରାମ ସାଏ, ଶୁଭମ ପଣ୍ଡା, କିଶୋର ବାରିକ, ଅଶୋକ ବାରିକ, ରବୀନ୍ଦ୍ର ସା, ଦେବାଶିଷ ନାୟକ, ସୁଧାଂଶୁ ବାରିକ, ଭାଗୀରଥି ନାୟକ, ଯଦୁମଣି ପରିଡା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ପୂଜାକାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ଅବସରରେ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର



ବକୁଳି ଗୋସ୍ୱାମୀ ଯୁବକ ସଂଘର ଶ୍ରୀ ଗଣେଶ।

- ଆନନ୍ଦପୁରକୁ ରେଳ ସଂଯୋଗୀକରଣ ଦାବି

# ୨୦ନଂ. ଜାତୀୟ ରାଜପଥ ଅବରୋଧ

**ଆନନ୍ଦପୁର, ୩।୯(ସ୍ୱ.ପ୍ର.)**




୨୦ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଛି।

କେନ୍ଦୁଝର ଜିଲାର ବାରିଗାଁଠାରେ ୨୦ ନଂ ଜାତୀୟ ରାଜପଥ ଉପରେ ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଦୁଇ ଘଣ୍ଟିଆ ଅର୍ଥନୈତିକ ଅବରୋଧ କରାଯାଇଛି। ସ୍ଥାନୀୟ ମା’ ଧନେଇ ସେବା ସଂଘର ସଭାପତି ବିଷ୍ଣୁ ନାରାୟଣ ବାରିକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅର୍ଥ ନୈତିକ ଅବରୋଧ କରାଯାଇଥିଲା। ଜାତୀୟ ରାପଥରେ ଚଳାଚଳ କରୁଥିବା ଆଇରନ୍ ବୋଝେଇ ଯାନାବାହନ ଗୁଡିକୁ ଅଟକ ରଖାଯାଇଥିଲା। ଅନ୍ୟ ଯାତ୍ରୀବାହୀ ବସ୍ ଏବଂ ଅନ୍ୟ ଯାନବାହନ ଗୁଡିକ ସ୍ୱାଭାବିକ ଭାବେ ଯାତାୟାତ କରିଥିଲା। ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପୂର୍ବରୁ ବହୁବାର ଏଥିପାଇଁ ଆନନ୍ଦପୁରର ସଚେତନ ନାଗରିକ, ବାରିଗାଁର ମା’ ଧନେଇ ସେବା ସଂଘ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଧାରଣା, ପ୍ରତୀକ ଧାରଣା କରିବା ସହିତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରେଳ ବିଭାଗ, କେନ୍ଦୁଝର ଜିଲାପାଳଙ୍କୁ ଦାବି ଜଣାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରେଳପଥ ବିଭାଗକୁ ୫ ଥର ପତ୍ର ମାଧ୍ୟମରେ ଆନନ୍ଦପୁରକୁ ରେଳପଥ ସଂଯୋଗୀକରଣ ଦାବି ପୂରଣ କରିବା ନିମନ୍ତେ ଅବଗତ କରାଯାଇଥିଲେ ବି ଅଦ୍ୟାବଧି ଏହି ଆଶା ପୂରଣ ହୋଇପାରିନି। ଯାହାର ପ୍ରତିବାଦରେ ମଙ୍ଗଳବାର ରାଜପଥରେ ଅର୍ଥନୈତିକ ଅବରୋଧ କରାଯିବା ନେଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ। କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବେଶ ଜଣାଶୁଣା। ଅଞ୍ଚଳର ବିକାଶ ପାଇଁ ରେଳପଥ ସଂଯୋଗୀକରଣ କରାଯିବାର ଆବଶ୍ୟକତା ରହିଥିବାବେଳେ ୨୦ ନଂ ଜାତୀୟ ରାଜପଥର ଆନନ୍ଦପୁର ଦେଇ ଦୈନିକ କୋଟି କୋଟି ଟଙ୍କାର ଲୁହା ପଥର ସଡକ ପଥରେ ପାରାଦୀପ, ଧାମରା ଆଦି ସ୍ଥାନକୁ ଯାଇ ସେଠାରୁ ଜାହାଜ ଯୋଗେ ବିଦେଶକୁ ରପ୍ତାନୀ ହୋଇଥାଏ। ଏଥିରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିପୁଳ ପରିମାଣରେ ରାଜସ୍ୱ ଆମଦାନୀ କରୁଛନ୍ତି। ହେଲେ ସ୍ୱାଧୀନତାର ୭୦ ବର୍ଷ ପରେ ବି ବାରମ୍ବାର ଦାବି ସତ୍ତ୍ୱେ ଆନନ୍ଦପୁରକୁ ରେଳପଥ ସଂଯୋଗୀକରଣ ହୋଇପାରି ନାହିଁ। ଫଳରେ ଉପଖଣ୍ଡର ଜନସାଧାରଣ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି।

